REGIONAL NEWS UNIT, AIR CUTTACK

Morning Bulletin (7.05 AM)

20 January - 2025

# ଜଳବାୟୁ ପରିବର୍ତ୍ତନ

ପ୍ରକୃତ ଓ ସଂସ୍କୃତି ମଧ୍ୟରେ ସମ୍ପର୍କ ଭାରତୀୟ ସଭ୍ୟତାର ଏକ ମୌଳିକ ଉପାଦାନ ଭାବେ ରହି ଆସିଛି ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି। ଭୁବନେଶ୍ୱରଠାରେ ଆୟୋଜିତ ବିଶ୍ୱରେ ଜଳବାୟୁ ପରିବର୍ତ୍ତନ ଭାରତୀୟ ଭାଷା ଓ ସଂସ୍କୃତି ଉପରେ ପ୍ରଭାବ ସମ୍ପର୍କିତ ଏକ କର୍ମଶାଳାରେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି। ସୁରକ୍ଷିତ ପରିବେଶ ଏବଂ ସୁସ୍ଥ ସମାଜ ଗଠନ ଦିଗରେ ଯୁବବର୍ଗଙ୍କ ଯୋଗଦାନ ଉପରେ ରାଜ୍ୟପାଳ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ଯୋଗଦେଇ ରାଜ୍ୟର କଳା, ସଂସ୍କୃତି, ଭାଷାର ସୁରକ୍ଷା ଉପରେ ଆଲୋକପାତ କରିଛନ୍ତି।

# ମୁଖ୍ୟମନ୍ତ୍ରୀ- ଆଇନ ଶୃଙ୍ଖଳା ପରିସ୍ଥିତି

ରାଜ୍ୟରେ ଆଇନ ଶୃଙ୍ଖଳାର ପରିସ୍ଥିତି ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଭୁବନେଶ୍ୱର ଲୋକସେବା ଭବନରେ ଅନୁଷ୍ଠିତ ଏହି ବୈଠକରେ ସଡ଼କ ଦୁର୍ଘଟଣା, ସାଇବର ଅପରାଧ, ନିଶାଦ୍ରବ୍ୟ ଚୋରା କାରବାର ଆଦି ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ସଡ଼କ ସୁରକ୍ଷାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଆଉ ୨ ହଜାର ନୂତନ ଟ୍ରାଫିକ ପୁଲିସ ପଦକ ସୃଷ୍ଟି କରିବା ନେଇ ମୁଖ୍ୟମନ୍ତ୍ରୀ ବୈଠକରେ ଗୁରୁତ୍ୱ ଦେଇଥିଲେ।

ସେହିଭଳି ଆଉ ୨୦ଟି ନୂଆ ସାଇବର ଥାନା ଖୋଲିବା ନିମନ୍ତେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

## ଖଣିମନ୍ତ୍ରୀ ସମ୍ମିଳନୀ

କୋଣାର୍କଠାରେ ଆଜିଠାରୁ ତୃତୀୟ ଜାତୀୟ ଖଣି ମନ୍ତ୍ରୀ ସମ୍ମିଳନୀ ଆରମ୍ଭ ହୋଇଛି। ଖଣିଜ ସମ୍ପଦ କ୍ଷେତ୍ରରେ ସମ୍ଭାବନା ଏବଂ ୨୦୪୭ ବିକଶିତ ଭାରତ ପରିକଳ୍ପନା ଆଧାରରେ ଏହି ଦୁଇଦିନିଆ ସମ୍ମିଳନୀ ଖଣି ମନ୍ତ୍ରଣାଳୟ ପକ୍ଷରୁ ଆୟୋଜନ କରାଯାଇଛି। କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି.କିଶନ ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ୧୬ଟିରୁ ଅଧିକ ରାଜ୍ୟର ଖଣିମନ୍ତ୍ରୀ ଯୋଗ ଦେଉଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ, ଜାମ୍ମୁ-କାଶ୍ମୀରର ଉପମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିଭାଗୀୟ ବରିଷ୍ଠ ପଦାଧିକାରୀ ଏଥିରେ ଅଂଶଗ୍ରହଣ କରୁଛନ୍ତି।

## ସି.ଜି.ପି.ବି.ର ୬୪ତମ ବୈଠକ

କେନ୍ଦ୍ରୀୟ ଭୂତାତ୍ତ୍ୱିକ କାର୍ଯ୍ୟକ୍ରମ ବୋର୍ଡ ସି.ଜି.ପି.ବି.ର ୬୪ତମ ବୈଠକ ଭୁବନେଶ୍ୱରଠାରେ ଗତକାଲି ଅନୁଷ୍ଠିତ ହୋଇଛି। ଖଣି ମନ୍ତ୍ରଣାଳୟର ସଚିବ ତଥା ସି.ଜି.ପି.ବି.ର ଅଧ୍ୟକ୍ଷ ଭି.ଏଲ୍.କାନ୍ତାରାଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଖଣିଜ ସମ୍ପଦ ଅଭିବୃଦ୍ଧି, ସ୍ୱଚ୍ଛ ଶକ୍ତି, ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା, ନିରନ୍ତର ବିକାଶ ଏବଂ ବୋର୍ଡର ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ଆଲୋଚନା ହୋଇଥିଲା।

# ପିଏମ୍ ଆବାସ ଗ୍ରାମୀଣ ଯୋଜନା

ରାଜ୍ୟରେ ଥିବା ବାସହୀନ ଯୋଗ୍ୟ ହିତାଧିକାରୀମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଗ୍ରାମୀଣ ଯୋଜନାରେ ଘର ଯୋଗାଇଦେବା ପାଇଁ ଆସନ୍ତା ବୁଧବାର ୨୨ ତାରିଖରୁ ସର୍ଭେ ଆରମ୍ଭ ହେବ। ଆସନ୍ତା ମାର୍ଚ୍ଚମାସ ୩୧ ତାରିଖ ପର୍ଯ୍ୟନ୍ତ ସର୍ଭେ ଚାଲିବ। ଯୋଗ୍ୟ ହିତାଧିକାରୀମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଗ୍ରାମୀଣ ଯୋଜନାରେ ସାମିଲ କରିବା ପାଇଁ ଜିଲ୍ଲାପାଳ ଓ ଜିଲ୍ଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ସରକାର ନଭେମ୍ବର ୨୭ ଓ ଡିସେମ୍ବର ୨୭ ତାରିଖରେ ଜାରି କରିଥିବା ମାର୍ଗଦର୍ଶିକାକୁ ପାଳନ କରିବା ପାଇଁ କୁହାଯାଇଛି। ଯୋଗ୍ୟ ହିତାଧିକାରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ପଥପ୍ରାନ୍ତ ନାଟକ, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରାଯିବା ସହିତ ସାମାଜିକ ଗଣମାଧ୍ୟମରେ ଏ ସମ୍ପର୍କରେ ବିସ୍ତୃତ ତଥ୍ୟ ଜଣାଇବା ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଛି।

# ଖୋ ଖୋ କ୍ରୀଡ଼ା

ଖୋ ଖୋ ବିଶ୍ୱକପ୍-୨୦୨୫ ଚମ୍ପିଆନସିପ୍‌ରେ ଭାରତ ଉଭୟ ପୁରୁଷ ଏବଂ ମହିଳା ବର୍ଗରେ ଟାଇଟଲ ହାସଲ କରିଛି। ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଆନ୍ତର୍ଜାତିକ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଭାରତ' ନେପାଳକୁ ପୁରୁଷବର୍ଗରେ ୧୮ ପଏଣ୍ଟରେ ଏବଂ ମହିଳା ବର୍ଗରେ ୩୮ ପଏଣ୍ଟରେ ପରାସ୍ତ କରିଛି। ଏହି ବିଜୟ ପରେ ଭାରତୀୟ ଜାତୀୟ ଦଳର ପୃଷ୍ଠପୋଷକ ଭାବେ ଓଡ଼ିଶା ଗର୍ବିତ ବୋଲି କ୍ରୀଡ଼ା ଓ ଯୁବସେବା

ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି । ସେ କହିଛନ୍ତି, ଏହି ବିଜୟ ଖୋ ଖୋ କ୍ରୀଡ଼ା ଜଗତରେ ଏକ ସ୍ୱର୍ଣ୍ଣିତ ଅଧ୍ୟାୟ ସୃଷ୍ଟି କରିଛି ।

# ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ଲିଗ୍ ମହିଳା ବର୍ଗରେ ଗତକାଲି ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ୱାରିୟର୍ସ ବିଜୟୀ ହୋଇଛି । ରାଉରକେଲା ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଓଡ଼ିଶା ସ୍ରାଚି ରାହା ବେଙ୍ଗଲ ଟାଇଗର୍ସଙ୍କୁ ୪-୧ ଗୋଲ୍‌ରେ ପରାସ୍ତ କରିଛି । ଏହି ବିଜୟ ସହ ଓଡ଼ିଶା ଚାରୋଟି ମ୍ୟାଚରୁ ୮ ପଏଣ୍ଟ ହାସଲ କରି ତାଲିକାର ଶୀର୍ଷ ସ୍ଥାନରେ ପହଁଞ୍ଚିଛି । ଆଜି ରାଞ୍ଚିର ଜୟପାଲ ସିଂ ହକି ଷ୍ଟାଡିୟମଠାରେ ସୁରମା ହକି କ୍ଲବ ଓ ଦିଲ୍ଲୀ ଏସ୍.ଜି. ପାଇପର୍ସ ମଧ୍ୟରେ ମୁକାବିଲା ହେବ ।

ଅନ୍ୟପକ୍ଷରେ ପୁରୁଷ ବର୍ଗରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ବେଦାନ୍ତ କଳିଙ୍ଗ ଲାନସର୍ସ ସୁଟ୍‌ଆଉଟ୍‌ରେ ୩-୨ ଗୋଲ୍‌ରେ ଦିଲ୍ଲୀ ଏସ୍.ଜି.ପାଇପର୍ସଙ୍କୁ ପରାସ୍ତ କରିଛି ।

# କ୍ରିକେଟ ଟୁର୍ଣ୍ଣାମେଣ୍ଟ

ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ରମାଇ ହାଇସ୍କୁଲ ଖେଳପଡ଼ିଆରେ ଚାଲିଥିବା ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ କଟକ ରାଇଜିଂ ଷ୍ଟୁଡେଣ୍ଟ୍‌ସ ଚାମ୍ପିଅନ ହୋଇଛି । ଫାଇନାଲ ମ୍ୟାଚ୍‌ରେ ଗତକାଲି କଟକ ରାଇଜିଂ ଷ୍ଟୁଡେଣ୍ଟ୍‌ସ ରାଞ୍ଚିର ସେର୍ସା ଦଳକୁ ପରାସ୍ତ କରିଥିଲା । ଉଦ୍‌ଯାପନୀ ସମାରୋହରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ସାଂସଦ ସଙ୍ଗୀତା କୁମାରୀ ସିଂଦେଓ ପ୍ରମୁଖ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ ।

# ବ୍ୟାଡମିଣ୍ଟନ ଚମ୍ପିଆନସିପ୍

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମଠାରେ ଅନୁଷ୍ଠିତ ଆନ୍ତଃଜିଲ୍ଲା ମିଳିତ ବ୍ୟାଡମିଣ୍ଟନ ଚମ୍ପିଆନସିପ୍ ଗତକାଲି ଉଦ୍‌ଯାପିତ ହୋଇଛି । ଉଦ୍‌ଯାପନୀ ସମାରୋହରେ ବିଧାୟକ ଅଧିରାଜ ପାରିଗ୍ରହୀ ଯୋଗଦେଇ ବିଭିନ୍ନ ବର୍ଗର ବିଜେତାଙ୍କୁ ପୁରସ୍କାର ବିତରଣ କରିଥିଲେ ।

# ତାପମାତ୍ରା

ରାଜ୍ୟର ବିଭିନ୍ନ ଅଞ୍ଚଳରେ ଥଣ୍ଡାର ପ୍ରକୋପ ବୃଦ୍ଧି ପାଇଛି । ଗତ ଦୁଇ ଦିନ ମଧ୍ୟରେ ରାତି ତାପମାତ୍ରା କେତେକ ଅଞ୍ଚଳରେ ୫ ଡିଗ୍ରୀ ସେଲସିୟସରୁ କମ୍ ଥିବା ଜଣାପଡ଼ିଛି । ଆଗାମୀ ଚାରିଦିନ ପର୍ଯ୍ୟନ୍ତ ରାତି ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ ବୋଲି ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି । ଏଥିସହ କେତେକ ଅଞ୍ଚଳରେ ଘନ କୁହୁଡ଼ି ନେଇ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି ।